# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୫ ଜୁଲାଇ ୨୦୨୪

----

[ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଇସ୍ପାତ ଓ ଖଣି - ଯୋଜନା ଓ ସଂଯୋଜନ - ବାଣିଜ୍ୟ - ପରିବହନ - ସୂଚନା ଓ ଲୋକ ସମ୍ପର୍କ - ଜଳ ସମ୍ପଦ ମୁଖ୍ୟମନ୍ତ୍ରୀ ].

ମୋଟ ପ୍ରଶ୍ନର ସଂଖ୍ୟା 32

----

### ସୌରଚାଳିତ ଗଭୀର ନଳକୂପ ଖନନ

***45 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚାଷୀମାନଙ୍କ ଆବଶ୍ୟକତା ଦୃଷ୍ଟିରୁ ସୌରଚାଳିତ ଗଭୀର ନଳକୂପ (Solar Borewell) ପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କ ମଧ୍ୟରେ ଉପଯୁକ୍ତ ସଚେତନ ଶିବିର କିମ୍ବା ପ୍ରଶିକ୍ଷଣ ଶିବିର ନକରିବାର କାରଣ କ'ଣ ଏବଂ ଏହି Solar Borewell ପାଇଁ କେଉଁ କମ୍ପାନୀକୁ ସରକାରଙ୍କ ତରଫରୁ ଦାୟିତ୍ୱ ନ୍ୟସ୍ତ କରାଯାଇଅଛି ଜଣାଇବା ସହ ଚାଷୀମାନେ ଯେପରି ସରଳ ଭାବେ ଆବେଦନ କରି ଏହି ସହାୟତା ପାଇ ପାରିବେ ସେଥିପାଇଁ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନେବେ କି ?

----

### ସୌର ଚାଳିତ ଗଭୀର ନଳକୂପ ଖନନ

***57 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କୋରାପୁଟ ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ବହୁ ସମୟରେ ପାଣିର ଅଭାବ ହେତୁ ଚାଷ କାମରେ ବାଧା ଉପୁଜିଥାଏ, ଆବଶ୍ୟକ ଦୃଷ୍ଟିରୁ ସୌର ଚାଳିତ ଗଭୀର ନଳକୂପ ପାଇଁ ସରକାର ଚାଷୀମାନଙ୍କୁ ସଚେତନା ମାଧ୍ୟମରେ ପ୍ରଶିକ୍ଷଣ ଦେଇ ସୌର ଚାଳିତ ଗଭୀର ନଳକୂପ ବସେଇବା ପାଇଁ ବିହିତ ପଦକ୍ଷେପ ନେବେ କି, ଏବଂ ଚାଷୀମାନଙ୍କୁ ଏହି ସମ୍ବନ୍ଧରେ ପ୍ରଶିକ୍ଷଣ ଶିବିର କରି ସଚେତନ କରାଇବେ କି, କୋରାପୁଟ ଜିଲ୍ଲା ସହ ଜୟପୁର ନିର୍ବାଚନ ମଣ୍ଡଳୀରେ ପୂର୍ବ ବର୍ଷ ମାନଙ୍କରେ କେତେ ସୌର ଚାଳିତ ନଳକୂପ ପ୍ରତିଷ୍ଠା କରାଯାଇଥିଲା, ସେଗୁଡିକର ବର୍ତ୍ତମାନ ସ୍ଥିତି କ'ଣ ଏବଂ ଅଚଳ ହୋଇପଡିଥିବା ନଳକୂପ ଗୁଡିକୁ ସଚଳ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଚାଷ ଜମିକୁ ପୂର୍ଣ୍ଣାଙ୍ଗ ଜଳସେଚନ

*61 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବଲାଙ୍ଗିର ଜିଲ୍ଲାର କେଉଁ ବ୍ଲକରେ କେତେ ପରିମାଣର ଜମି ଥିଲାବେଳେ ତନ୍ମଧ୍ୟରୁ କେତେ ଶତାଂଶ ଜମିକୁ କେନାଲ ଜଳସେଚନ, ଉଠା ଜଳସେଚନ, ପାଇପ୍ ଜଳସେଚନ ଓ ବିକଳ୍ପ ଜଳସେଚନ ମାଧ୍ୟମରେ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି, ଜିଲ୍ଲାକୁ ପୂର୍ଣ୍ଣାଙ୍ଗ ଜଳସେଚିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା

*62 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର କେତୋଟି ପଡା ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ କି ପଦକ୍ଷେପ ନେଉଛନ୍ତି ?

----

## ଲଘୁଖଣିଜ ପଦାର୍ଥର ସୁରକ୍ଷା

*63 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଲଘୁ ଖଣିଜ ସମ୍ପଦର ସୁରକ୍ଷା ଓ ଚୋରାଚାଲାଣ ରୋକିବାକୁ ଲଘୁ ଖଣିଜ ପ୍ରତିଷ୍ଠା ହୋଇଅଛି ଏବଂ ବିଭିନ୍ନ ଜିଲ୍ଲାରେ କର୍ମଚାରୀ ଅଭାବରୁ ଚୋରା ଚାଲାଣ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ପୂର୍ବ ନିଷ୍ପତ୍ତି ଖଣି ମାଫିଆମାନଙ୍କୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଥିବା ସମ୍ପର୍କରେ ସାଧାରଣରେ ଆଲୋଚନା ହେଉଥିବା ପ୍ରତି ସରକାର ଅବଗତ ଅଛନ୍ତି କି ଉତ୍ତର ହଁ ହେଲେ ଆବଶ୍ୟକ କର୍ମଚାରୀ ନିୟୋଜନ ଭିତ୍ତିକ ଲଘୁଖଣିଜ ସମ୍ପଦର ସୁରକ୍ଷା ପାଇଁ ବ୍ୟବସ୍ଥା ନତୁବା ଏହାକୁ ପୂର୍ବବତ ରାଜସ୍ୱ ବିଭାଗକୁ ଫେରସ୍ତ ପାଇଁ ସରକାର ନିଷ୍ପତ୍ତି କରିବେ କି ?

----

## Enhancement of MLA LAD

*64 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- That whether the Govt would consider enhancement of MLA LAD from Rs. 3.00 crores to Rs. 5.00 crores per annum for strengthening of common infrastructures of the people ?

----

## ସରକାରୀ ପ୍ରେସକୁ ଆଧୁନିକୀକରଣ

*65 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ମଧୁପାଟଣାସ୍ଥିତ ସରକାରୀ ପ୍ରେସକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଟିଭି ଚ୍ୟାନେଲକୁ ମିଳିଥିବା ବିଜ୍ଞାପନ

*66 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ 5 ବର୍ଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ କେଉଁ ଦୂରଦର୍ଶନ ଚ୍ୟାନେଲକୁ କେତେ ଧନରାଶିର ବିଜ୍ଞାପନ ମିଳିଛି କେଉଁ ଆଧାରରେ ଦିଆହୋଇଛି, କେଉଁ ଖବରକାଗଜ ଏବଂ କେଉଁ ଘରୋଇ ଟିଭି କୁ କେତେ ଟଙ୍କାର ବିଜ୍ଞାପନ ପାଇଥିଲେ ଏବଂ କେଉଁ କେଉଁ ଆଧାରରେ ଦିଆଯାଇଥିଲା ଏହାର ତଥ୍ୟ ପ୍ରଦାନ କରିବେ କି ?

----

## ଆସିକାଠାରେ ଆଞ୍ଚଳିକ ପରିବହନ ଅଫିସ ଖୋଲିବା

*67 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ହେଉଅଛି ଯାତାୟତ କ୍ଷେତ୍ରରେ ଗୋଟିଏ କେନ୍ଦ୍ରସ୍ଥଳୀ ଏବଂ ଜଙ୍କସନ ଗାଡି ରେଜିଷ୍ଟ୍ରେସନ କରିବା ନିମନ୍ତେ ଛତ୍ରପୁରକୁ ଯିବା ଦୂର ହେବା ଦୃଷ୍ଟିରୁ ଗୋଟିଏ ଆଞ୍ଚଳିକ ପରିବହନ ଅଫିସ ଆସିକା ଠାରେ ସ୍ଥାନନଦେବା ନେଇ ସରକାର ପତ୍ରାଳପ କରିଥିଲେ ମଧ୍ୟ ତାହା ପରବର୍ତ୍ତୀ ସମୟରେ ଭଞ୍ଜନଗର ସ୍ଥାନାନ୍ତରୀତ ହୋଇଯାଇ ଅଛି ଏଣୁ ଆସିକା ଅଞ୍ଚଳ ବାସୀଙ୍କର ସୁବିଧା ସକାଶେ ସରକାରଙ୍କ ପୂର୍ବ ନିଷ୍ପତ୍ତି ପ୍ରକାରେ ଆସିକା ଠାରେ ଆଞ୍ଚଳିକ ପରିବହନ ଅଫିସର ଗୋଟିଏ camp ଅଫିସ ଖୋଲାଯାଇ ଅତ୍ୟନ୍ତ ସପ୍ତାହରେ ଦୁଇଦିନ Camp ଅଫିସ କାର୍ଯ୍ୟକ୍ଷମ କରିବେ କି ?

----

## ସୁନାମୁହାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନଃରୁଦ୍ଧାର

*68 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନୟାଗଡ ଜିଲ୍ଲାର ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ସୁନାମୁହିଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଟି ପଙ୍କରେ ପୋତି ହୋଇ ପଡିଥିବାରୁ ଜଳ ଧାରଣ କ୍ଷମତା ହ୍ରାସ ପାଇଥିବା କଥା ସରକାର ଜାଣନ୍ତି କି, ଯଦି ହଁ ଏହାର ପଙ୍କୋଦ୍ଧାର ପାଇ କି ପଦକ୍ଷେପ ଗ୍ରହଣ କରାଯାଉଛି, ଯଦି ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ ସରକାର ଏ ଦିଗରେ ପଦକ୍ଷେପ ନେବେ କି ?

----

## ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

*୬୨ **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗୀର ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ କେଉଁ ବ୍ଲକ ଓ ପୌର ସଂସ୍ଥାର କେଉଁଠାରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି, କେତୋଟି ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ଜିଲ୍ଲାରେ ଅଧିକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଖଣିଜ ପଦାର୍ଥରୁ ରାଜସ୍ୱ ଆୟ

*70 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁଠାରେ କେଉଁ ପ୍ରକାର ବର୍ତ୍ତମାନ ଖଣିଜ ପଦାର୍ଥ ଗଚ୍ଛିତ ଅଛି ; ତାହା କି ପ୍ରକାର ଆକଳନ କିମ୍ବା ସର୍ଭେ ହୋଇଛି ଏହାର ସଠିକ ତଥ୍ୟ ସରକାର ଉପସ୍ଥାପନ କରିବେ କି ; ଉତ୍ତୋଳନ ହେଉଥିବା ଖଣିଜ ପଦାର୍ଥରୁ ବିଗତ 5 ଆର୍ଥିକ ବର୍ଷରେ କେତେ ରାଜସ୍ୱ ମିଳିଛି ?

----

## MLA LAD ଦ୍ୱାରା Project କାର୍ଯ୍ୟ

*71 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2019 2020 ଠାରୁ 2023 2024 ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ରାପଡା, ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦ୍ରାପଡା ବ୍ଲକ ପଟ୍ଟାମୁଣ୍ଡାଇ ବ୍ଲକ ଓ କେନ୍ଦ୍ରାପଡା Municipalityରୁ MLA LAD ପାଣ୍ଠି କେତେ, କେଉଁ କେଉଁ Project ପାଇଁ କେତେ କେତେ ଅର୍ଥ ମଂଜୁର କରାଯାଇଛି ?

----

## କେନ୍ଦ୍ର ନିକଟରେ ରେଳପ୍ରକଳ୍ପ ପାଇଁ ପ୍ରସ୍ତାବ

*72 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ତରଫରୁ ବିଗତ ପାଞ୍ଚ ବର୍ଷରେ କେଉଁ ରେଳ ପ୍ରସ୍ତାବ କେନ୍ଦ୍ର ନିକଟରେ ଉପସ୍ଥାପନ ହୋଇଥିଲା ବେଳେ ତନ୍ମଧ୍ୟରୁ କେଉଁ କେଉଁ ପ୍ରକଳ୍ପ ବାବଦରେ କି ସୁଫଳ ମିଳିଛି ପ୍ରକାଶ କରିବେ କି ?

----

## ମାଣ୍ଡିଆ ଢିପାଠାରେ ଥିବା ବୃହତ ଜଳ ପ୍ରକଳ୍ପର ସ୍ଥିତି

***73 ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପଦ୍ମପୁର ନିର୍ବାଚନ ମଣ୍ଡଳୀର ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡିଆଢିପାଠାରେ ଏକ ବୃହତ ଭୂତଳ ଜଳ ପ୍ରକଳ୍ପର 104 କୋଟି ଟଙ୍କା ବିନିମୟରେ ପ୍ରସ୍ତାବିତ ହୋଇଥିଲା, ବର୍ତ୍ତମାନ ତାର ସ୍ଥିତାବସ୍ଥା କଣ ଜଣାଇବେ କି ?

----

## ବନ୍ୟାସ୍ଥିତିର ମୁକାବିଲା

***74 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସନ୍ତା ବର୍ଷା ଋତୁରେ ବନ୍ୟାସ୍ଥିତିକୁ ମୁକାବିଲା ପାଇଁ ରାଜ୍ୟରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଇସ୍ପାତ ଓ ଖଣିଜ ପଦାର୍ଥ ଖନନ ତଥା କ୍ରୟ ଓ ବିକ୍ରୟ

***75 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱରରେ କେଉଁ ପ୍ରକାରର ଓ କେଉଁ ଜାଗାରୁ ଇସ୍ପାତ ଓ ଖଣିଜ ପଦାର୍ଥର ଖନନ ତଥା କ୍ରୟ ଓ ବିକ୍ରୟ ହେଉଛି, ଉକ୍ତ କାର୍ଯ୍ୟ ପାଇଁକେଉଁ ସବୁ ସଂସ୍ଥାମାନଙ୍କୁ ସରକାରୀଭାବେ ଚୁକ୍ତି ଦିଆଯାଉଛି, ପଦାର୍ଥ ଅନୁଯାୟୀ ଏହାର ବାର୍ଷିକ royality ଆୟ କେତେ ଓ royality ଅର୍ଥର ବାଲେଶ୍ୱର ପାଇଁ ବିନିଯୋଗର ବ୍ୟବସ୍ଥା ଓ ଯୋଜନା କଣ ପ୍ରଣୟନ ହୋଇଛି ତାହାର ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, (ଖ)National Green Tribunal ଭଳି ଅନେକ ସଂସ୍ଥା ପକ୍ଷରୁ ବାଲେଶ୍ୱରର କେଉଁ କେଉଁ ଖଣି ଖନନ ସ୍ଥାନ ଉପରେ କଟକଣା କରାଯାଇଛି ଓ କଟକଣା ସତ୍ତ୍ୱେ କେଉଁ ଜାଗାରୁ କେଉଁ ସବୁ ସଂସ୍ଥା ଦ୍ୱାରା ଖଣି ଲୁଟ୍ ହେଉଛି ଓ ତାହାର ଆନୁମାନିକ ମୂଲ୍ୟ କେତେ ଓ ଗତ 3 ବର୍ଷ ମଧ୍ୟରେ ଉକ୍ତ ଦୁର୍ବୃତ୍ତମାନଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ବିଧାୟକମାନଙ୍କ ଆଞ୍ଚଳିକ ପାଣ୍ଠି ବୃଦ୍ଧି

***76 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗୋଟେ ନିର୍ବାଚନ ମଣ୍ଡଳୀ ଜନସଂଖ୍ୟା 2.5 ଲକ୍ଷ ରୁ 3.0 ଲକ୍ଷ ତଥା ଅନ୍ୟୁନ 300 ରୁ ଊର୍ଦ୍ଧ ରାଜସ୍ୱ ଗ୍ରାମ ଅଛି ତାହାସହିତ ସହରାଞ୍ଚଳରେ ଅନେକ ସାହି, ବସ୍ତି ଅଛି ; ବର୍ତ୍ତମାନ ବିଧାୟକ ଆଞ୍ଚଳିକ ପାଣ୍ଠିରେ ବଦାଦ୍ଦ ଅନୁଦାନ ରାଶି ଯଥେଷ୍ଟ ହେଉନାହିଁ ଏବଂ ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ ହେଉନାହିଁ ; ଏହାକୁ ଦୃଷ୍ଟିରେ ରଖି ବିଧାୟକ ଆଞ୍ଚଳିକ ପାଣ୍ଠିକୁ ବୃଦ୍ଧି କରିବାର ପ୍ରସ୍ତାବ ରାଜ୍ୟ ସରକାର ନେବେ କି ?

----

## ରାଜ୍ୟରେ ଚାଲୁଥିବା ଲକ୍ଷ୍ମୀବସ ସେବା

***77 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର କେଉଁ ଜିଲ୍ଲାରେ Laxmi ବସ ସେବା କବେଠାରୁ ଆରମ୍ଭ କରିଥିଲେ ଏବଂ ସେଥିରେ ମୋଟ କେତୋଟି ବସକୁ କେଉଁ ଜିଲ୍ଲାରେ ନିୟୋଜିତ କରାଯାଇଛି ଜଣାଇବା ସହ, ବର୍ତ୍ତମାନ ସରକାର ଏହି ବସର ନାମ ଓ ରଙ୍ଗ ପରିବର୍ତ୍ତନ କରିବାର କାରଣ କଣ, ଏହାଦ୍ୱାରା ସରକାର କି ପ୍ରକାରର ଲାଭ ପାଉଛନ୍ତି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ଖଇରା ଓ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ହେଉଥିବା କାର୍ଯ୍ୟ

***78 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Bhadrak Drainage Division ରେ ୨୦୨୧ ରୁ ୨୦୨୪ ଆର୍ଥିକ ବର୍ଷରେ କେଉଁ କେଉଁ ଠିକାଦାର ମାନଙ୍କୁ କେତେ ଟଙ୍କା ଲେଖାଏଁ Splitup କାର୍ଯ୍ୟ ର କାର୍ଯ୍ୟାଦେଶ ଦିଆଯାଇଅଛି, ଉକ୍ତ Splitup କାର୍ଯ୍ୟ ମଧ୍ୟରୁ ଖଇରା ଓ ସିମୁଳିଆ ନିର୍ବାଚନ ମଣ୍ଡଳୀର କେଉଁ Project ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ସେ ଗୁଡ଼ିକର ସମ୍ପୂର୍ଣ୍ଣ ତଥ୍ୟ ସହ ସମ୍ପୂର୍ଣ୍ଣ ହୋଇନଥିବା କାର୍ଯ୍ୟ ଗୁଡ଼ିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରିବେ ତାହାର ଉତ୍ତର ରଖିବେ କି ?

----

## ପଡାଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା

***79 ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମଗ୍ର ପୁରୀ ଜିଲ୍ଲାରେ କେତେ ରାଜସ୍ୱ ଓ ପଡାଗ୍ରାମ ଅଛି, ତନ୍ମଧ୍ୟରୁ କେତେ ପଡା, ରାଜସ୍ୱ ଗ୍ରାମ ମାନ୍ୟତା ପାଇବାରୁ ଯୋଗ୍ୟ, ଶେଷଥର ପାଇଁ କେତେ କେତେ ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଥିଲା, ତହସିଲୱାରୀ ତାର ତାଲିକା ପ୍ରଦାନ କରିବେ କି, (ଖ) ଅସ୍ତରଙ୍ଗ, କାକଟପୁର ଏବଂ ଗୋପ ତହସିଲ ଅନ୍ତର୍ଭୁକ୍ତ ପଡା ଗ୍ରାମଗୁଡିକର ତାଲିକା ଏବଂ ତନ୍ମଧ୍ୟରୁ କେଉଁ ପଡା ଗ୍ରାମଗୁଡିକ ଆଜିର ଦିନରେ ରାଜସ୍ୱ ଗ୍ରାମ ହେବା ପାଇଁ ଯୋଗ୍ୟ ଅଛି ତାହାର ତାଲିକା ଦେବେ କି ?

----

## ବେଆଇନ ଖଣି ଖନନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

***80 ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ କେତେ ଗୋଟି ସଂସ୍ଥା/ବ୍ୟକ୍ତିଙ୍କୁ ଖଣି ଖନନ ଓ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି, ବେଆଇନ ଖଣି ଖନନ ବିରୁଦ୍ଧରେ ଗତ ପାଞ୍ଚ ବର୍ଷ ମଧ୍ୟରେ ସରକାର କି ପଦକ୍ଷେପ ନେଇଛନ୍ତି; ଏହାର ବିସ୍ତୃତ ବୀବରଣୀ ପ୍ରଦାନ କରିବେ କି ?

----

## ଲକ୍ଷ୍ମୀ ବସ୍ ର ନାମ ଓ ରଙ୍ଗ ବଦଳାଇବା

*81 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚାଲୁଥିବା "ଲକ୍ଷ୍ମୀ" ବସ୍ ର ନାମ ବଦଳାଇବା ଏବଂ ରଙ୍ଗ ବଦଳାଇବାର କାରଣ କ'ଣ, ଏହି କାର୍ଯ୍ୟ କରିବା ପାଇଁ ସରକାର କେତେ ଅର୍ଥ ଖର୍ଚ୍ଚ କରିବାର ବ୍ୟବସ୍ଥା କରିଛନ୍ତି ତା'ର ଏକ ହିସାବ ଦେବେ କି ?

----

## Renovation of Petanala Projects

*82 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) What is the extent of work that remains to be completed in the Petanala renovation Project, and what is the revised timeline and budget for its completion and what are the reasons for the delays in the completion of the Petanala renovation project, and has the Government identified the individuals or entities responsible for these delays ; (b) Have any penalties been imposed on those responsible for the delays ; if so, what is the nature and amount of these penalties ?

----

## ଜମି ଦଖଲମୁକ୍ତ କରିବା

*83 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ କେତେ ଜମି କେଉଁ କେଉଁ ଅଞ୍ଚଳରେ ଜମିଗୁଡିକ ବିଭିନ୍ନ ଲୋକ, ଅନୁଷ୍ଠାନ ଦ୍ୱାରା ଜବରଦଖଲରେ ଅଛି ସେଗୁଡିକରୁ ଜବରଦଖଲକାରୀଙ୍କୁ କେବେସୁଦ୍ଧା ହଟାଇ ସରକାର ନିଜ ହାତକୁ ନେବେ ଓ କେଉଁ କେଉଁ ଅଞ୍ଚଳଗୁଡିକରେ ଜମି Settlement ହୋଇନାହିଁ, ଏହା କେବେସୁଦ୍ଧା ହେବ କହିବେ କି ?

----

## ଖଣିଜ ପଦାର୍ଥ ଦ୍ୱାରା ରାଜସ୍ୱ ଆୟ

*84 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅବିଭକ୍ତ କୋରାପୁଟ ଜିଲ୍ଲାର କେଉଁ କେଉଁ ଜାଗାରେ କି କି ପ୍ରକାର ଖଣିଜ ପଦାର୍ଥର ସନ୍ଧାନ ମିଳିଛି ଏବଂ ସେହି ଖଣିଜ ପଦାର୍ଥ ସବୁ ଉତ୍ତୋଳନ କରି ସରକାର ବିଗତ ୫ ବର୍ଷରେ କେତେ ରାଜସ୍ୱ ପାଇଛନ୍ତି ଏବଂ ନୂତନଭାବେ କୌଣସି ଖଣିର ସନ୍ଧାନ ପାଇଛନ୍ତି କି ; ଏହାର ସବିଶେଷ ତଥ୍ୟ ଉପସ୍ଥାପନା କରିବେ କି ?

----

## ଚାଷ ଜମିକୁ ସ୍ଥାୟୀ ଜଳସେଚନ

***୫୫ ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେତେ ପ୍ରତିଶତ ଚାଷ ଜମିକୁ ଏଯାଏଁ ସ୍ଥାୟୀ ଜଳସେଚନ ସୁବିଧା ଯୋଗାଯାଇ ପାରିଛି ଓ ତାର ଆୟତନ କେତେ ଏବଂ ସେଥିରୁ କେତେ ଜମିରେ ଚାଷୀମାନେ ରବି ଋତୁରେ ଜଳସେଚନର ଉପଯୋଗ କରିବା ସହ ଖରିଫ ଋତୁରେ ମଧ୍ୟ ଆବଶ୍ୟକ ପଡ଼ିଲେ ଜଳସେଚନ ସୁବିଧା ନେଉଛନ୍ତି; ରାଜ୍ୟର କେତେ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ଯୋଗାଇବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି ?

----

## ଖଡିଆଳକୁ ନୂତନ Sub-Division ମାନ୍ୟତା

***୫୬ ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ 2024-25 ରେ ମୋଟ କେତେଗୋଟି ନୂଆ Sub-Division (Revenue) ଖୋଲିବା ପାଇଁ ନିଷ୍ପତ୍ତି କରିଛନ୍ତି ଏହାର ଗୋଟିଏ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; (ଖ) Nuapada ଜିଲ୍ଲା ଅନ୍ତର୍ଗତ ଖଡିଆଳକୁ ଗୋଟିଏ ନୂଆ Revenue Sub-Division ଘୋଷଣା କରିବେ କି ଏବଂ କେଉଁ ସମୟସୀମାରେ ଖଡିଆଳକୁ ସରକାର ନୂଆ Revenue Sub-Division ଘୋଷଣା କରିବେ ?

----

## ବନ୍ୟା ଓ ବର୍ଷା ଜଳ ନିଷ୍କାସନ

***୫୭ ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଭୋଗରାଇ ନିର୍ବାଚନ ମଣ୍ଡଳୀର ସବୁଠାରୁ ବଡ ସମସ୍ୟା ହେଲା ବନ୍ୟା ଓ ବର୍ଷା ଜଳ ନିଷ୍କାସନ, ଉଦବୃତ୍ତ ବର୍ଷା ଓ ବନ୍ୟା ଜଳ ନିଷ୍କାସନ ହୋଇପାରୁନଥିବାରୁ ବର୍ଷର ୬ ମାସ ଚାଷ ଜମିଗୁଡିକ ପାଣିରେ ବୁଡି ରହୁଛି, ଏହି ସମସ୍ୟାର ଆଂଶିକ ସମାଧାନ ପାଇଁ ପୂର୍ବର ରାଜ୍ୟ ସରକାର ଦକ୍ଷିଣ ଭୋଗରାଇର ନାଳ ଖନନ ପାଇଁ ୨୨ କୋଟି 77 ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି, ଉତ୍ତର ଭୋଗରାଇର 1୫ଟି ପଞ୍ଚାୟତରୁ ଜଳ ନିଷ୍କାସନ ଲାଗି ରାଜ୍ୟ ସରକାର ପଦକ୍ଷେପ ନେବେ କି ?

----

## ଗୃହ ନଥିବା ପରିବାରକୁ ଜମି ଯୋଗାଣ

***୫୫ ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଟଣୀ ନିର୍ବାଚନ ମଣ୍ଡଳୀର ଦାରୁଠେଙ୍ଗ, ଚନ୍ଦକା, ଅନ୍ଧାରୁଆ, କଣ୍ଟାବାଡ, ମେଣ୍ଢାଶାଳ ସମେତ ଜଙ୍ଗଲ ଅଞ୍ଚଳରେ ଥିବା ଗ୍ରାମ ପଞ୍ଚାୟତବାସୀ ଗ୍ରାମରେ ରହି ଜଙ୍ଗଲ ସୁରକ୍ଷା କରୁଥିବା ବେଳେ ବର୍ତ୍ତମାନ ଜଙ୍ଗଲ ଓ ସରକାରୀ ଜମିରେ ସରକାରୀ କାର୍ଯ୍ୟାଳୟ ଗଢି ତୋଳିଛି ଅପରପକ୍ଷେ ଏହି ଗ୍ରାମ ମାନଙ୍କରେ ପରିବାର ବଢିବା ଯୋଗୁଁ ବହୁ ଲୋକ ଗୃହହୀନ ହୋଇଥିବା ବେଳେ ସେମାନଙ୍କୁ ସରକାରୀ ଜମିରେ ଆବାସ ଯୋଗାଇ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଆଡିବନ୍ଧ ସହ ରିଙ୍ଗ୍ ରୋଡ ନିର୍ମାଣ

*୫୨ **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ସହର ଦେଇ ପ୍ରବାହିତ ଇବ୍ ନଦୀ କୂଳରେ ଥିବା ଏସ୍.ଏଚ୍.-10 ଭୋଜପୁର ଠାରୁ ୱାର୍ଡ ନଂ 1, 2, 3, 7 ଓ 8 ଦେଇ ସରକାରୀ ମହାବିଦ୍ୟାଳୟର ସେତୁ ପର୍ଯ୍ୟନ୍ତ ଏକ ଆଡିବନ୍ଧ ସହ ରିଙ୍ଗ୍ ରୋଡ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇ ଏକ ଡିପିଆର୍ ମଧ୍ୟ ପ୍ରସ୍ତୁତ ହୋଇଥିବା କଥା ସତ୍ୟ କି, ଯଦି 'ହଁ' ତେବେ ଏହାର ସ୍ଥିତି କ'ଣ ଏବଂ ଏହାର କାର୍ଯ୍ୟାରମ୍ଭ କେବେସୁଦ୍ଧା ହେବ ନିର୍ଦ୍ଦିଷ୍ଟ ଭାବେ ଅବଗତ କରାଇବେ କି ?

----

## ଦଖଲରେ ଥାଇ ନିଜ ନାମରେ ପଟ୍ଟା ବାହାରିବା

*୨୦ **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ସହରର ବାସିନ୍ଦାମାନେ ନିଜର ପୈତୃକ ସମ୍ପତ୍ତି ଥାଇ ମଧ୍ୟ ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି ତଥା ଜଗନ୍ନାଥ ମହାପ୍ରଭୁଙ୍କ ନାମରେ Record of Rights ବାହାରିବା କଥା ସରକାର ଅବଗତ ଅଛନ୍ତି କି ଏଥିପାଇଁ ବିଭିନ୍ନ କମିଟିମାନ ଗଠିତ ହୋଇ Uniform Policy ହେବା ସହିତ ଏହାର Criteria ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ନିଜ ନାମରେ ପଟ୍ଟା ନ ବାହାରିବା ଏକ ଦୁଃଖର ବିଷୟ, ଏହାର ସ୍ଥାୟୀ ସମାଧାନ ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ଓ କେବେ ସୁଦ୍ଧା ଏହାର ସ୍ଥାୟୀ ସମାଧାନ ହେବ ଜଣାଇବେ କି ?

----